କୁହୁକୀ ବନ : ଭିତରକନିକା

ଡ. ଶରତ କୁମାର ବିଶ୍ୱାଳ

ଭିତରକନିକା ହେଉଛି ପ୍ରାକୃତିକ ସୌନ୍ଦର୍ଯ୍ୟର ଏକ ଗନ୍ତାଘର । ଏହାର ନଦୀ, ନାଳ, ଲୁଣା ଜଙ୍ଗଲ, ହେନ୍ତାଳ ବଣ, ଘଞ୍ଚ ଅରଣ୍ୟରେ ବାସକରୁଥିବା ନାନାଜାତିର ପଶୁପକ୍ଷୀ ସବୁଗୁଡ଼ିକ ଦେଖିବାକୁ ସୁନ୍ଦର । ଥରେ ଏହି ଅଞ୍ଚଳକୁ ବୁଲିଗଲେ ଗୋଟିଏ ପରୀ ରାଇଜରେ ବିଚରଣ କଲା ଭଳି ମନେହେବ ।

ଭିତରକନିକା ଅଞ୍ଚଳଟି ଓଡ଼ିଶାର ପୂର୍ବଉପକୂଳରେ କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ରାଜନଗର ଥାନାରେ ଅବସ୍ଥିତ । ବ୍ରାହ୍ମଣୀ, ବୈତରଣୀ ଓ ଧାମରା ନଦୀ ମୁହାଣରେ ଥିବା ଏକ ବିସ୍ତୃତ ଲୁଣା ଜଙ୍ଗଲକୁ ଭିତରକନିକା ବୋଲି କୁହାଯାଏ । ଏହି ଅଞ୍ଚଳଟି ଆଗେ କନିକା ରାଜ୍ୟର ଅନ୍ତର୍ଭୁକ୍ତ ଥିଲା । ଏହାର ପୂର୍ବରେ ବଙ୍ଗୋପସାଗର ଅବସ୍ଥିତ । ଅନ୍ୟ ତିନି ପାଖରେ ବ୍ରାହ୍ମଣୀ, ବୈତରଣୀ ଓ ଧାମରା ନଦୀ ଏବଂ ବ୍ରାହ୍ମଣୀର ଏକ ଶାଖାନଦୀ ଘେରି ରହିଛନ୍ତି । ସମୁଦ୍ର ନିକଟବର୍ତ୍ତୀ ହୋଇଥିବାରୁ ଏହା ଏକ ଲୁଣା ଅଞ୍ଚଳ ଏବଂ ନଦୀନାଳ ଦ୍ୱାରା ଖଣ୍ଡବିଖଣ୍ଡିତ । ଏଠାକୁ ଯିବାକୁ ହେଲେ ରାଜନଗର ଘାଟରୁ ଜଳପଥରେ ଡଙ୍ଗା କିମ୍ବା ମଟର ଲଞ୍ଚ ଯୋଗେ ଯିବାକୁ ହୁଏ । ଚାନ୍ଦବାଲିଠାରୁ ବୈତରଣୀ ନଦୀବାଟେ ମଧ୍ୟ ଯାତାୟାତ ସୁବିଧା ଅଛି । ଏହା ଗୋଟିଏ ଅଭୟାରଣ୍ୟ ହୋଇଥିବାରୁ ଜଙ୍ଗଲ ମଧ୍ୟରେ ପ୍ରବେଶ କରିବା ପୂର୍ବରୁ ସେଠାରେ ଥିବା ବନ ବିଭାଗର ଅଫିସ୍‌ରୁ ଅନୁମତି ପତ୍ର ନେବାକୁ ହୋଇଥାଏ ।

ଭିତରକନିକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଅତ୍ୟନ୍ତ ରମଣୀୟ। ମଟର ଲଞ୍ଚରେ ଗଲାବେଳେ ନଦୀ ଏବଂ ନାଳର ଉଭୟ ପାର୍ଶ୍ୱରେ ଦେଖାଯାଏ ଘଞ୍ଚ ଜଙ୍ଗଲ। ସ୍ଥାନେସ୍ଥାନେ ଗଛର ଡାଳଗୁଡ଼ିକ ପାଣି ଉପରକୁ ନଇଁ ଆସିଥିବା ଗଛ ଡାଳରେ ନାନା ଜାତିର ଚଢ଼େଇ ବସି କିଚିରିମିଚିରି ଶବ୍ଦ କରୁଥିବେ। ସେମାନଙ୍କ ମଧୁର କଳରବରେ ବନଭୂମି ମୁଖରିତ ହୋଇଉଠୁଥିବ। କେଉଁଠିକେଉଁଠି ମାଙ୍କଡ଼ମାନେ ହୁଙ୍କାର କରି ଏ ଡାଳରୁ ସେ ଡାଳକୁ ଡେଇଁ ଗଛକୁ ଦୋହଲାଇ ଦେଉଥିବେ। ମାଛରଙ୍କା ଚଢ଼େଇମାନେ ଆକାଶରେ ଘୂରିଘୂରି ପାଣି ଉପରକୁ ଝାମ୍ପ ଦେଉଥିବେ।

ଭିତରକନିକା ହେଉଛି ନାନା ଜାତିର ପକ୍ଷୀଙ୍କର ଏକ ନିରାପଦ ଆଶ୍ରୟସ୍ଥଳ। ଏଠାରେ ପ୍ରାୟ ୧୭୦ ପ୍ରକାର ପକ୍ଷୀଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରେ ଖରହଂସ, ଅଙ୍କି, ଟିଆ, କେଶରପାଣ୍ଡିଆ, ରାଜପେଚ୍ଚ, ଡାହୁକ, ଛଞ୍ଚାଣ, ଶଙ୍ଖଚିଲ, ମାଟିଆଚିଲ, କୋଇଲି, କପୋତ, ହଳଦିବସନ୍ତ, ବଗ, ଶାଗୁଣା, ଗେଣ୍ଡାଳିଆ ଇତ୍ୟାଦି ପ୍ରଧାନ। ସୁଦୂର ସାଇବେରିଆ, କାସ୍ପିୟାନ ସାଗର ଏବଂ କାଲିଫର୍ଣ୍ଣିଆରୁ କେତେକ ବିଦେଶୀ ପକ୍ଷୀ ମଧ୍ୟ ଏଠାକୁ ଆସିଥାଆନ୍ତି। ସବୁଠାରୁ ଅଧିକ ଆକର୍ଷଣୀୟ ହେଉଛି ବଗଗହଣ। ପ୍ରାୟ ୨୦ ଏକର ପରିମିତ ଅଞ୍ଚଳରେ ହଜାରହଜାର ସଂଖ୍ୟାରେ ବଗ ଏକତ୍ର ବାସକରନ୍ତି।



ଏହି ଜଙ୍ଗଲରେ ଶିଆଳ, ହେଟାବାଘ, ବାର୍ହା, ସମ୍ବର, ବଣଘୁଷୁରି, କଟାସ, ଗଧିଆ, ଓଧ, ଝିଙ୍କ, ନେଉଳ ଇତ୍ୟାଦି ବହୁ ପ୍ରକାର ଜୀବ ବାସକରନ୍ତି। ସରୀସୃପଙ୍କ ପାଇଁ ଭିତରକନିକା ଜଙ୍ଗଲ ପୃଥିବୀ ପ୍ରସିଦ୍ଧ ଅଟେ। ଏଠାରେ ବିରାଟବିରାଟ ଗୋଧି ଏବଂ ବଡ଼ବଡ଼ ସାପ ବୁଲୁଥିବାର ଦେଖାଯାଏ। ନଦୀର ଉଭୟ ପାର୍ଶ୍ୱରେ ଦଳଦଳ ହୋଇ ହରିଣ ବୁଲୁଥିବାର ଦୃଶ୍ୟ ଅତ୍ୟନ୍ତ ଚମତ୍କାର। ମଟର ଲଞ୍ଚର ଘର୍ଘର ଶବ୍ଦ ଶୁଣିଲେ ସେମାନେ ଡେଇଁଡେଇଁ, ନାଚିନାଚି ଜଙ୍ଗଲ ଭିତରକୁ ପଳାଇ ଯାଆନ୍ତି। ପ୍ରକୃତି କୋଳରେ ସ୍ୱାଧୀନ ଭାବରେ ବିଚରଣ କରୁଥିବା ଏଇ ବନ୍ୟଜୀବମାନଙ୍କର ଏଇ ମନମୁଗ୍ଧକର ଦୃଶ୍ୟ ଚିଡ଼ିଆଖାନାର ତାର ବାଡ଼ ମଧ୍ୟରେ ଦେଖିବାକୁ ମିଳେ ନାହିଁ। ସ୍ୱାଧୀନତାର ଯେ କି ସୁଖ ଓ ଆନନ୍ଦ ତାହା ଏଇ ପ୍ରାଣୀମାନଙ୍କୁ ଦେଖିଲେ ଅନୁଭବ କରିହୁଏ।

ଭିତରକନିକାରେ ଦିନରେ ଦୁଇଥର ଜୁଆର ଆସେ। ଜୁଆର ସମୟରେ ନଦୀ ନାଳ ଭୟଙ୍କର ଭାବେ ଫୁଲି ଉଠନ୍ତି। ଜୁଆର ଗୁଡ଼ିକ ସମୟରେ ଛୋଟଛୋଟ ରଙ୍ଗିନ୍ କଙ୍କଡ଼ା ବାଲି ଓ କାଦୁଅ ଉପରେ ଦୌଡ଼ୁଥିବାର ଦୃଶ୍ୟ ଖୁବ୍ ସୁନ୍ଦର। ଏହି ଅଞ୍ଚଳରେ ଭେକ୍‌ଟି, ଇଲିଶି, ଖଇଙ୍ଗା, କଣ୍ଟିଆ, ଜଳଙ୍ଗ, ଖୁରାଣ୍ଟି ପ୍ରଭୃତି ବିଭିନ୍ନ ପ୍ରକାର ଲୁଣିମାଛ ଏବଂ ନାନାଜାତିର ଚିଙ୍ଗୁଡ଼ି ଓ କଙ୍କଡ଼ା ପ୍ରଚୁର ପରିମାଣରେ ମିଳନ୍ତି। ମତ୍ସ୍ୟଜୀବୀମାନଙ୍କର ଜୀବିକାର୍ଜନର ଏହା ହେଉଛି ପ୍ରଧାନ ମାଧ୍ୟମ।

ଜୁଆର ପାଣି ଯୋଗୁଁ ଏଠାକାର ଭୂମି ସବୁବେଳେ ସନ୍ତସନ୍ତିଆ ଥାଏ। ଏଠାରେ ରାଇ, ବଣିଆ, ପିତାମାରି, ସୁନ୍ଦରୀ, ହେନ୍ତାଳ, ଗୁଆଁ, ବନି, କେରୁଆଁ, ସିଙ୍ଗଡ଼ା, ରୁଅ, ପାଣିଆମ୍ବ, ବଣଲେମ୍ବୁ ଇତ୍ୟାଦି ବିଭିନ୍ନ ପ୍ରକାର ଗଛ ଜନ୍ମେ। ହେନ୍ତାଳ ଗଛଗୁଡ଼ିକ ଦେଖିବାକୁ ଛୋଟ ଆକାରର ଖଜୁରୀଗଛ ଭଳି। ଏହି ଗଛର ସରୁସରୁ ଗଣ୍ଡି ଖୁବ୍ ମଜବୁତ। ତାହା ଘର ତିଆରି କାମରେ ବ୍ୟବହୃତ ହୁଏ। ଏହାର ପତ୍ରକୁ ପିଞ୍ଛ କହନ୍ତି। ଏହି ପିଞ୍ଛରେ ଛାଞ୍ଚୁଣି ତିଆରି ହୁଏ ।

ଲୁଣାଗଛଗୁଡ଼ିକର ଚେରସବୁ ମାଟିକୁ ଏପରି ଜାବୁଡ଼ି ଧରି ଥାଆନ୍ତି ଯେ ଜୁଆର ପାଣି ମୃତ୍ତିକା କ୍ଷୟ କରିପାରେ ନାହିଁ। ଏହା ସେ ଅଞ୍ଚଳର ଏକ ପ୍ରାକୃତିକ ପ୍ରାଚୀର ଭଳି କାମ କରେ। ଭୟଙ୍କର ବନ୍ୟା, ବାତ୍ୟା ଓ ସାମୁଦ୍ରିକ ଢେଉ କବଳରୁ ଏହା ଲୋକଙ୍କର ଧନଜୀବନ ରକ୍ଷା କରିଥାଏ। ଏହି ଲୁଣା ଜଙ୍ଗଲରେ ଅନେକ ପ୍ରକାରର ଔଷଧୀୟ ବୃକ୍ଷ ମଧ୍ୟ ଦେଖିବାକୁ ମିଳେ। ଏଠାରୁ ପ୍ରଚୁର ପରିମାଣରେ ମହୁ ସଂଗ୍ରହ କରାଯାଏ।

ଏହି ଅଞ୍ଚଳର ବଉଳାକୁମ୍ଭୀର ଓ ଅଲିଭ୍ ରିଡ୍‌ଲେ କଇଁଛ ଏବେ ସାରା ପୃଥିବୀର ଦୃଷ୍ଟି ଆକର୍ଷଣ କରିଛି। ଡାଙ୍ଗମାଳ ଅଞ୍ଚଳରେ ୧୯୭୫ ମସିହାରୁ ସରକାରଙ୍କ ତରଫରୁ କୁମ୍ଭୀର ଗବେଷଣା କେନ୍ଦ୍ର ଆରମ୍ଭ ହୋଇଛି। କୁମ୍ଭୀରମାନେ କିପରି ସୁରକ୍ଷିତ ରହିବେ ଏବଂ ସେମାନଙ୍କର ବଂଶ ବୃଦ୍ଧି ହେବ, ସେଥିପାଇଁ ଚେଷ୍ଟା କରାଯାଉଛି। ଗୋଟିଏଗୋଟିଏ କୁମ୍ଭୀର ଏଠାରେ ପ୍ରାୟ ଛ' ସାତ ମିଟର ଲମ୍ବ ହୋଇଥାଆନ୍ତି। ସେମାନେ ନଦୀ ନାଳରେ ସ୍ୱାଧୀନ ଭାବରେ ବିଚରଣ କରନ୍ତି। ଡାଙ୍ଗମାଳରେ ବନ ବିଭାଗର ଡାକବଙ୍ଗଳା ଓ ମ୍ୟୁଜିୟମ୍ ଅଛି । ଛୋଟଛୋଟ କେତୋଟି ଜଳାଶୟରେ ଦର୍ଶକମାନଙ୍କ ନିମନ୍ତେ କେତୋଟି କୁମ୍ଭୀରଙ୍କୁ ଯତ୍ନର ସହିତ ରଖାଯାଇଛି। ସବୁଠାରୁ ଆକର୍ଷଣୀୟ ହେଉଛି କୁମ୍ଭୀର ଗୌରୀ। ତା'ଘରି ପାଖରେ ସବୁବେଳେ ଭିଡ଼ ଲାଗିରହିଥାଏ। ଭିତରକନିକାର ପୂର୍ବ ଦିଗରେ ସମୁଦ୍ର କୂଳରେ ଗହୀରମଥା ବେଳାଭୂମି ଅବସ୍ଥିତ। ପ୍ରତିବର୍ଷ ଶୀତଋତୁରେ ଲକ୍ଷ

ଲକ୍ଷ ସଂଖ୍ୟାରେ ଅଲିଭ୍ ରିଡ୍‌ଲେ କଇଁଛ ଏଠାରେ ଅଣ୍ଡା ଦେବାକୁ ଆସନ୍ତି । ୧୯୭୫ ମସିହାରେ ଭିତରକନିକାକୁ ସରକାରଙ୍କ ତରଫରୁ ଏକ ଅଭୟାରଣ୍ୟ ରୂପେ ଘୋଷଣା କରାଯାଇଛି । ଏଠାରେ କେହି କୌଣସି ଜୀବଜନ୍ତୁଙ୍କୁ ଶିକାର କରିପାରିବେ ନାହିଁ କିମ୍ବା କାଠ କାଟି ପାରିବେ ନାହିଁ ।

ଜଙ୍ଗଲ ମଧ୍ୟରେ ଏକ କାଠ ନିର୍ମିତ ବିରାଟ ମୀନାର ଅଛି । ଦର୍ଶକମାନେ ଏହା ଉପରେ ଚଢ଼ି ଭିତରକନିକାର ବିସ୍ତୃତ ଅଞ୍ଚଳର ସୌନ୍ଦର୍ଯ୍ୟ ଉପଭୋଗ କରିପାରିବେ । ଏହା କେବଳ ଓଡ଼ିଶାର କିମ୍ବା ଭାରତର ନୁହେଁ, ସମଗ୍ର ପୃଥିବୀର ଏକ ଦର୍ଶନୀୟ ସ୍ଥାନ । ପରୀ ରାଇଜ ଭଳି ମନେ ହେଉଥିବା ଏହି କୁହୁକୀବନ ବାସ୍ତବିକ ପ୍ରକୃତିର ଏକ ଅପୂର୍ବ ସୃଷ୍ଟି ।

ଶିକ୍ଷକଙ୍କ ପାଇଁ ସୂଚନା

- ★ ପ୍ରଥମେ ଶିକ୍ଷକ ଅଭୟାରଣ୍ୟ ସମ୍ପର୍କରେ ସୂଚନା ଦେବେ ।
- ★ ଜୀବଜନ୍ତୁ ଓ ପରିବେଶର ସୁରକ୍ଷା ପାଇଁ ଅଭୟାରଣ୍ୟ କରାଯାଇଛି ବୋଲି କହିବେ ।
- ★ ଭିତରକନିକାର ଅବସ୍ଥିତି ସମ୍ପର୍କରେ ଧାରଣା ଦେବେ ।
- ★ ଶେଷରେ କେଉଁମାନେ ଭିତରକନିକା ଦେଖିଛନ୍ତି ବୋଲି ପଚାରିବେ ଏବଂ ସେ ସ୍ଥାନଟିକୁ ବୁଲିଯିବା ପାଇଁ ଉତ୍ସାହିତ କରିବେ ।
- ★ ଭିତରକନିକା ଭଳି ଓଡ଼ିଶାରେ ଆଉ କେଉଁଠି ଅଭୟାରଣ୍ୟ ଅଛି, ପିଲାମାନଙ୍କୁ ପ୍ରଶ୍ନ ପଚାରିବେ ।
- ★ ପିଲାଙ୍କଠାରୁ ଉତ୍ତର ପାଇବା ପରେ ଶିମିଳିପାଳ, ନନ୍ଦନକାନନ ଏବଂ ସମ୍ବଲପୁର ଜିଲ୍ଲାର ଉଷାକୋଠି ସମ୍ପର୍କରେ ଧାରଣା ଦେବେ ।
- ★ ବନ୍ୟଜନ୍ତୁ ଓ ପଶୁପକ୍ଷୀଙ୍କୁ ଶିକାର କରିବା, ସେମାନଙ୍କୁ କଷ୍ଟ ଦେବା ବା ଆବଦ୍ଧ କରି ରଖିବା ଆଇନ୍ ଦୃଷ୍ଟିରୁ ଅପରାଧ ବୋଲି ପିଲାମାନଙ୍କୁ ସୂଚାଇବେ ।

ସୂଚନା

ଅଭୟାରଣ୍ୟ	:	ଜୀବଜନ୍ତୁ ଏବଂ ବୃକ୍ଷଲତା ସୁରକ୍ଷା ନିମିତ୍ତ ରାଜ୍ୟ ସରକାର କେତେକ ଜଙ୍ଗଲକୁ ଅଭୟାରଣ୍ୟ ବୋଲି ଘୋଷଣା କରିଛନ୍ତି । ଏଠାରେ ଶିକାର କରିବା ଓ ଗଛ କାଟିବା ନିଷେଧ କରାଯାଇଥାଏ । ଜୀବଜନ୍ତୁମାନେ ଏହି ଅଭୟାରଣ୍ୟରେ ନିର୍ଭୟରେ ଏବଂ ସ୍ୱାଧୀନ ଭାବରେ ବିଚରଣ କରନ୍ତି ।
କୁହୁକୀବନ	:	ଯେଉଁ ବଣଟି ଗୋଟିଏ କୁହୁକ ରାଜ୍ୟ ଭଳି ମନେହୁଏ ।
ମତ୍ସ୍ୟଜୀବୀ	:	ମାଛ ମାରି ଯେଉଁମାନେ ଜୀବିକା ନିର୍ବାହ କରନ୍ତି ।
ମ୍ୟୁଜିୟମ୍	:	ଯେଉଁଠାରେ ବହୁ ପୁରୁଣା କାଳର ବିଭିନ୍ନ ପ୍ରକାର ବସ୍ତୁ ସଂଗ୍ରହ କରି ରଖାଯାଇଥାଏ ।

ଆସ ଜାଣିବା କେତୋଟି ଶବ୍ଦ

ଗନ୍ତାଘର	ବିଚରଣ	ରମଣୀୟ	କଳରବ	ନିରାପଦ,
ମୁହାଣ	ଘଞ୍ଚ	ସରୀସୃପ	ଜୁଆର	ଜୀବିକାର୍ଜନ,
ସନ୍ତସନ୍ତିଆ	ବେଳାଭୂମି	ମୀନାର	ଯାତାୟାତ	ଅପୂର୍ବ

ଅଭ୍ୟାସ

୧. ଆସ ଦୁଇଦଳ ହୋଇ ବସିବା ଓ ତଳଲିଖିତ ପ୍ରଶ୍ନଗୁଡ଼ିକୁ ପଚରାପଚରି ହେବା ।

(କ) ଭିତରକନିକା କେଉଁ ଜିଲ୍ଲାରେ ଅବସ୍ଥିତ ?

(ଖ) ବଙ୍ଗୋପସାଗର ଭିତରକନିକାର କେଉଁ ଦିଗରେ ଅବସ୍ଥିତ ?

(ଗ) ଭିତରକନିକାର ନଦୀନାଳରେ କି କି ମାଛ ମିଳେ ?

(ଘ) ଭିତରକନିକାରେ କି କି ଗଛ ରହିଛି ?

(ଙ) ଭିତରକନିକା ଅଭୟାରଣ୍ୟରେ କି କି ଜୀବଜନ୍ତୁ ଦେଖାଯାଆନ୍ତି ?

(ଚ) ସରକାର କେବେ ଭିତରକନିକାକୁ ଅଭୟାରଣ୍ୟ ରୂପେ ଘୋଷଣା କଲେ ?

୨. ଆସ ଉତ୍ତର ଲେଖିବା ।

(କ) ଭିତରକନିକାକୁ ମଟର ଲଞ୍ଚରେ ଗଲାବେଳେ କେଉଁ ଦୃଶ୍ୟ ଦେଖିବାକୁ ମିଳେ ?

(ଖ) ଭିତରକନିକାକୁ ବିଦେଶୀ ପକ୍ଷୀମାନେ କେଉଁ ଦେଶରୁ ଆସିଥାନ୍ତି ?

(ଗ) ହେନ୍ତାଳଗଛ ଲୋକମାନଙ୍କର କି ଉପକାର କରିଥାଏ ?

(ଘ) ଭିତରକନିକା ଅଞ୍ଚଳରେ ଭୂମି କାହିଁକି ସର୍ବଦା ସନ୍ତସନ୍ତିଆ ରହେ ?

(ଙ) ଭିତରକନିକା ସମଗ୍ର ପୃଥିବୀରେ କେଉଁଥି ପାଇଁ ଖ୍ୟାତି ଅର୍ଜନ କରିଛି ?

(ଚ) ଭିତରକନିକା ଲୁଣା ଜଙ୍ଗଲ କି ଉପକାରରେ ଆସେ ?

୩. ଆସ ବୁଝିବା ଓ ଏହାକୁ ସରଳ ଭାଷାରେ ଲେଖିବା ?

ସ୍ୱାଧୀନତାର ଯେ କି ସୁଖ ଓ ଆନନ୍ଦ ତାହା ଏହି ପ୍ରାଣୀମାନଙ୍କୁ ଦେଖିଲେ ଅନୁଭବ କରିହୁଏ ।

୪. ଆସ ତଳ ଶବ୍ଦଗୁଡ଼ିକୁ ବ୍ୟବହାର କରି ବାକ୍ୟ ଲେଖିବା ।

ସନ୍ତସନ୍ତିଆ ....

ନିରାପଦ ....

ଗନ୍ତାଘର ....

ରମଣୀୟ ....

କଳରବ ....

୫. 'ଜାତି' ଶବ୍ଦରୁ 'ଜାତୀୟ' ହେଲାପରି ତଳେଥିବା ଶବ୍ଦଗୁଡ଼ିକ କ'ଣ ହେବ ତା' ପାଖରେ ଥିବା ଘରେ ଲେଖିବା ।

ଦେଶ [ ] ଦଳ [ ] ଜଳ [ ] ବାଷ୍ପ [ ]

୬. ଗୋଟିଏ ଶବ୍ଦରେ ଲେଖିବା : -

(କ) ଯେଉଁମାନେ ଜଳରେ ବିଚରଣ କରନ୍ତି ।

(ଖ) ଯେଉଁମାନେ ସ୍ଥଳରେ ବିଚରଣ କରନ୍ତି ।

(ଗ) ଯେଉଁମାନେ ଉଭୟ ଜଳ ଓ ସ୍ଥଳରେ ବିଚରଣ କରନ୍ତି ।

(ଘ) ଯେଉଁମାନେ ବନରେ ବିଚରଣ କରନ୍ତି ।

୭. ଶୂନ୍ୟସ୍ଥାନ ପୂରଣ କରବା : -

କ୍ଷୁଦ୍ର	କ୍ଷୁଦ୍ରତର	କ୍ଷୁଦ୍ରତମ
ବୃହତ୍	....	ବୃହତ୍ତମ
ଦୀର୍ଘ	....	....
....	ଉଚ୍ଚତର	....

ମନରୁ ଏହିଭଳି ଆଉ କେତୋଟି ଲେଖିବା

....

....

୮. ଭିତରକନିକା ଓଡ଼ିଶାର ଏକ ଅଭୟାରଣ୍ୟ ଏଠାରେ ଜୀବଜନ୍ତୁ ନିର୍ଭୟରେ ରହିଥାନ୍ତି ବିଶେଷକରି ଅଲିଭ ରିଡ୍‌ଲେ କଇଁଛ ଜଙ୍ଗଲ ଜୀବଜନ୍ତୁ ଓ ମଣିଷ ମଧ୍ୟରେ ସମ୍ପର୍କ ବହୁ ପୁରାତନ ଜଙ୍ଗଲ ଓ ଜୀବଜନ୍ତୁ ବଞ୍ଚି ନ ରହିଲେ ମଣିଷ ବଞ୍ଚିବା କଷ୍ଟକର ।

ଉପରେ ଦିଆଯାଇଥିବା ଅନୁଚ୍ଛେଦରେ ଉପଯୁକ୍ତ ସ୍ଥାନରେ ପୂର୍ଣ୍ଣଚ୍ଛେଦ ଦେଇ ବାକ୍ୟଗୁଡ଼ିକ ନିମ୍ନ ସ୍ଥାନରେ ଲେଖିବା ।

....

....

....

....

....

୯. ଏହି ଚିତ୍ରକୁ ଆଧାର କରି ଅନୁଚ୍ଛେଦଟିଏ ଲେଖିବା ।

....

....

....

....

୧୦. ତଳେ ଦିଆଯାଇଥିବା ବାକ୍ୟଗୁଡ଼ିକରେ ଗାର ଦିଆଯାଇଥିବା ଶବ୍ଦଗୁଡ଼ିକର ଅର୍ଥ ଗୋଟିଏ ଶବ୍ଦରେ କ'ଣ ହେବ, ତାହା ଝୁଡ଼ି ମଧ୍ୟରେ ଦିଆଯାଇଛି। ଝୁଡ଼ି ମଧ୍ୟରୁ ଉପଯୁକ୍ତ ଶବ୍ଦଗୁଡ଼ିକ ଖୋଜି ବାକ୍ୟ ପାଖରେ ଥିବା କୋଠରିରେ ଲେଖିବା।

ସରୀସୃପ, ନିର୍ଭୟ,
ସାମୁଦ୍ରିକ ବେଳାଭୂମି,
ମୁହାଣ

(କ) ସାପ, କୁମ୍ଭୀର ଇତ୍ୟାଦି ପ୍ରାଣୀମାନେ ଛାତିରେ ଭରା ଦେଇ ଚାଲନ୍ତି।

(ଖ) ଇଲିଶି ସମୁଦ୍ରରେ ରହୁଥିବା ଗୋଟିଏ ମାଛ।

(ଗ) ଗହୀର ମଥା ସମୁଦ୍ର ନିକଟବର୍ତ୍ତୀ ବାଲୁକା ଶଯ୍ୟାରେ କଇଁଛମାନେ ଆସି ଅଣ୍ଡା ଦିଅନ୍ତି।

(ଘ) ଭିତରକନିକା ଜଙ୍ଗଲରେ ପଶୁପକ୍ଷୀମାନେ ବିନା ଭୟରେ ବିଚରଣ କରନ୍ତି।

ତୁମ ପାଇଁ କାମ

- ଭିତରକନିକା ଭଳି ଓଡ଼ିଶାର ଅନେକ ଦର୍ଶନୀୟ ସ୍ଥାନ ବିଷୟରେ ଗପ, କବିତା ଲେଖାଯାଇଛି। ସେଗୁଡ଼ିକ ପଢ଼ ଓ ସାଙ୍ଗମାନଙ୍କ ସହ ଆଲୋଚନା କର ।
- ସୁଯୋଗ ମିଳିଲେ ଥରେ ଯାଇ ଭିତରକନିକା ଅଭୟାରଣ୍ୟ ବୁଲିଆସ।